# NATIONAL NEWS BULLETIN (ODIA)
## 18 June - 2024
## Evening Bulletin : 7.15 p.m.

*************************************

## ମୁଖ୍ୟ ସମ୍ବାଦ

- ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବାରେ କୃଷି ବ୍ୟବସ୍ଥାର ବଡ଼ ଭୂମିକା ରହିଛି; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ପି.ଏମ୍. କିଷାନ ସମ୍ମାନନିଧି ଅଧୀନରେ ସପ୍ତଦଶ କିସ୍ତି ବାବଦକୁ ୨୦ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ ।

- ବକେୟା ମାମଲାର ତ୍ୱରିତ ସମାଧାନ ପାଇଁ ଜୁଲାଇ ୨୯ରୁ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ କରାଯିବ ସ୍ୱତନ୍ତ୍ର ଲୋକ ଅଦାଲତ ।
- ଓଡ଼ିଶା ବିଧାନସଭାର ବାଚସ୍ପତି ନିର୍ବାଚନ ପାଇଁ ଆସନ୍ତାକାଲି ମନୋନୟନପତ୍ର ଦାଖଲ, ୨୦ରେ ହେବ ନିର୍ବାଚନ ।
- ଇଟାଲୀ ଉପକୂଳରେ ଭୟଙ୍କର ତୋଫାନ କାରଣରୁ ଦୁଇ ପଣ୍ୟବାହୀ ଜାହାଜ ଧ୍ୱଂସ; ୧୧ ପ୍ରବାସୀ ମୃତ, ୬୬ ନିଖୋଜ ।

ଏବଂ

- ଉତ୍ତର-ପଶ୍ଚିମ ଏବଂ ପୂର୍ବ ଭାରତରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ନେଇ ପାଣିପାଗ ବିଭାଗର ସୂଚନା ।

– ଆସନ୍ତାକାଲିଠାରୁ ଦିଲ୍ଲୀରେ ପ୍ରାକ୍‌ମୌସୁମୀ ବର୍ଷାର ପୂର୍ବାନୁମାନ ।

# ପିଏମ୍ କିଷାନ ସମ୍ମାନନିଧି

କେନ୍ଦ୍ର ସରକାର କୃଷକ, ଯୁବକ, ନାରୀଶକ୍ତି ଏବଂ ଗରିବମାନଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ କରିବାକୁ ହେଲେ କୃଷି ବ୍ୟବସ୍ଥାର ବଡ଼ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଉତ୍ତରପ୍ରଦେଶର ବାରଣାସୀରେ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ଆଜି ପି.ଏମ୍. କିଷାନ ସମ୍ମାନ ନିଧି ଯୋଜନାର ସପ୍ତଦଶ କିସ୍ତି ପ୍ରଦାନ ଅବସରରେ ଏହା କହିଛନ୍ତି ।

ସେ କହିଛନ୍ତି, ନୂତନ ଜ୍ଞାନକୌଶଳ ମାଧ୍ୟମରେ କୃଷିର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

**- V/O -**

ନମୋ ଡ୍ରୋନ୍ ଦିଦି ଏବଂ କୃଷି ସଖୀ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ଚାଷୀଙ୍କୁ ମଧ୍ୟ ସଶକ୍ତ କରାଯାଉଛି। କୃଷି ସଖୀ ଯୋଜନା ଦେଶର ୧୨ଟି

ରାଜ୍ୟରେ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହା ଆହୁରି ବ୍ୟାପକ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଜରିଆରେ ୯ କୋଟି ୨୬ ଲକ୍ଷ କୃଷକ ପରିବାରକୁ ୨୦ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୩୦ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ କୃଷି ସଖୀ ପ୍ରମାଣପତ୍ର ମଧ୍ୟ ଦେଇଛନ୍ତି।

ସୂଚନା ଅନୁସାରେ, ଆଜି ଓଡ଼ିଶାର ବିଭିନ୍ନ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକରେ ପିଏମ୍ କିଷାନ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବରଗଡ଼ ଜିଲ୍ଲାରେ ଚାଷୀଙ୍କୁ ଏହି ସହାୟତା ରାଶି ବଣ୍ଟନ କରିଛନ୍ତି। ସେହିଭଳି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ବିଭିନ୍ନ ଜିଲ୍ଲାରେ ଉପସ୍ଥିତ ରହି ହିତାଧିକାରୀଙ୍କୁ ପି.ଏମ୍. କିଷାନ ସମ୍ମାନନିଧି ଯୋଜନାରେ ଲାଭାଂଶ ଅର୍ଥ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ମସିହା ଫେବୃଆରୀ ୨୪ ତାରିଖରେ ପିଏମ୍ କିଷାନ ସମ୍ମାନନିଧି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ୪ ମାସରେ ଥରେ ୨ ହଜାର ଟଙ୍କା

ଲେଖାଏଁ ବର୍ଷକୁ ମୋଟ୍ ୬ ହଜାର ଟଙ୍କା ପ୍ରତ୍ୟେକ ଚାଷୀ ହିତାଧିକାରୀଙ୍କୁ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଏ ।

## ସୁପ୍ରିମ୍‌କୋର୍ଟ-ଲୋକ ଅଦାଲତ

ସୁପ୍ରିମ୍‌କୋର୍ଟ୍ ପକ୍ଷରୁ ବକେୟା ମାମଲା ଗୁଡ଼ିକର ତ୍ୱରିତ ଏବଂ ଆପୋଷ ସମାଧାନ ପାଇଁ ଜୁଲାଇ ୨୯ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଲୋକଅଦାଲତ ଆୟୋଜନ କରାଯିବ । ସୁପ୍ରିମ୍‌କୋର୍ଟର ୭୫ ତମ ବାର୍ଷିକୀ ପାଳନ ଅବସରରେ ଏହି ସ୍ୱତନ୍ତ୍ର ଲୋକ ଅଦାଳତର ଆୟୋଜନ କରାଯାଉଛି । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ସୁପ୍ରିମ୍‌କୋର୍ଟ୍ ପ୍ରତିଷ୍ଠା କରାଯିବା ସହ ସମସ୍ତ ସାମ୍ବିଧାନିକ ନିୟମକୁ କାର୍ଯ୍ୟକାରୀ କରାଯାଇଥିଲା । ସୁପ୍ରିମ୍‌କୋର୍ଟ ପକ୍ଷରୁ କୁହାଯାଇଛି, ଦେଶର ନ୍ୟାୟିକ ବ୍ୟବସ୍ଥାରେ ଲୋକଅଦାଲତ ହେଉଛି ଏକ ପ୍ରମୁଖ ଅଂଶ । ଲୋକଅଦାଲତ ମାଧ୍ୟମରେ ମାମଲା ଗୁଡ଼ିକର ତ୍ୱରିତ ଏବଂ ଆପୋଷ ସମାଧାନ କରାଯାଇପାରିବ । ସମାଜର ସବୁବର୍ଗର ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଦିଗରେ ଏହା ସହାୟକ ହୋଇପାରିବ ବୋଲି କୁହାଯାଇଛି । ଲୋକଅଦାଲତରେ ବିବାହ ବିବାଦ, ସମ୍ପତ୍ତି ମାମଲା, ମଟର ଦୁର୍ଘଟଣା, ଜମି ହଡ଼ପ, କ୍ଷତିପୂରଣ ଆଦି ମାମଲାର ସମାଧାନ କରାଯିବାର ଲକ୍ଷ୍ୟ ରଖାଯାଇଛି ।

## ରାଜନାଥ-ମିଟିଂ

ସଂସଦୀୟ ଅଧିବେଶନ ଆସନ୍ତା ୨୪ ତାରିଖରେ ଆରମ୍ଭ ହେଉଥିବା ପରିପ୍ରେକ୍ଷୀରେ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବାସଭବନରେ ବରିଷ୍ଠ ବିଜେପି ନେତା ଏବଂ କେନ୍ଦ୍ର ମନ୍ତ୍ରୀମାନଙ୍କର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ କେନ୍ଦ୍ର ମନ୍ତ୍ରୀ ମନୋହରଲାଲ, ଧର୍ମେନ୍ଦ୍ର ପ୍ରଧାନ, କିରଣ ରିଜିଜୁ, ଡକ୍ଟର ଏସ୍. ଜୟଶଙ୍କର, ଚିରାଗ ପାଶୱାନ୍ ପ୍ରମୁଖ ଯୋଗ ଦେଇଛନ୍ତି । ଆଗାମୀ ଅଧିବେଶନରେ ନୂତନ ଭାବେ ନିର୍ବାଚିତ ସଦସ୍ୟମାନେ ଶପଥ ଗ୍ରହଣ କରିବା ସହ ଲୋକସଭା ବାଚସ୍ପତି ନିର୍ବାଚନ କରାଯିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଲୋକସଭା ଏବଂ ରାଜ୍ୟସଭାର ମିଳିତ ଅଧିବେଶନରେ ଉଦ୍‌ବୋଧନ ଦେବେ । ରାଜ୍ୟସଭା ଅଧିବେଶନ ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବ । ସଂସଦୀୟ ଅଧିବେଶନ ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ପିଏମ୍ ଲେଟର-ଗ୍ରାମ ପଞ୍ଚାୟତ

ଯୋଗ ଏବଂ ମିଲେଟ୍ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପଞ୍ଚାୟତ ସରପଞ୍ଚ ମାନଙ୍କୁ ଆହ୍ୱାନ ଦେଇଛନ୍ତି । ୧୦ମ ଆନ୍ତର୍ଜାତିକ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ପଞ୍ଚାୟତ

ପ୍ରଧାନମାନଙ୍କୁ ଏକ ପତ୍ର ଲେଖି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯୁବପିଢ଼ିଙ୍କ ଜୀବନଚର୍ଯ୍ୟାକୁ ସ୍ୱାୟୀ ଓ ସରଳ କରିବା ଦିଗରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଅଙ୍ଗନବାଡି, ବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟାନ୍ୟ ସାଧାରଣ ସ୍ଥାନରେ ଯୋଗ ଶିବିରମାନ ଆୟୋଜନ କରିବା ପାଇଁ ପଞ୍ଚାୟତ ପ୍ରତିନିଧିମାନେ ବିଶେଷ ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

## ଶ୍ରୀଲଙ୍କା–ଯୋଗ

ଭାରତୀୟ ହାଇକମିଶନ୍ ପକ୍ଷରୁ ଶ୍ରୀଲଙ୍କା ଠାରେ ଯୋଗ ମହୋତ୍ସବର ଆୟୋଜନ କରାଯାଇଛି । ଶ୍ରୀଲଙ୍କାର କେଲାନିୟା ମହା ବିହରାୟ ଠାରେ ଏହି ଯୋଗ ଶିବିର ଅନୁଷ୍ଠିତ ହୋଇଛି । ଆଜି ଅନୁଷ୍ଠିତ ଯୋଗ ଶିବିରର ବିଷୟବସ୍ତୁ ରହିଛି 'ଯୋଗ ସମସ୍ତଙ୍କ ପାଇଁ' । ଏହି ଯୋଗ ଶିବିର ୧୦ ଦିନ ଧରି ଚାଲିବ ।

## ବିଧାନସଭା ଅଧିବେଶନ

ସପ୍ତଦଶ ଓଡ଼ିଶା ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ନବନିର୍ବାଚିତ ବିଧାୟକମାନଙ୍କୁ ଶପଥପାଠ କରାଇଛନ୍ତି । ଆସନ୍ତାକାଲି ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ଶପଥଗ୍ରହଣ କାର୍ଯ୍ୟକ୍ରମ ଚାଲିବ । ବାଚସ୍ପତି ପଦବୀ ପାଇଁ ଆସନ୍ତାକାଲି ପ୍ରକ୍ରିୟା ଆରମ୍ଭ ହେବ । ମଧ୍ୟାହ୍ନ ୧୨ଟା ସୁଦ୍ଧା ନାମାଙ୍କନପତ୍ର ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି । ଆବଶ୍ୟକ ସ୍ଥଳେ ୨୦ ତାରିଖରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ ।

## ଇଟାଲୀ

ଇଟାଲୀ ଉପକୂଳରେ ତୋଫାନ୍ କାରଣରୁ ଦୁଇଟି ପଣ୍ୟବାହୀ ଜାହାଜ ଭାଙ୍ଗିରୁଜି ଧ୍ୱଂସ ହେବା ଯୋଗୁଁ ୧୧ ଜଣ ପ୍ରବାସୀଙ୍କର ମୃତ୍ୟୁ ଘଟିଥିବା ବେଳେ ୬୬ ଜଣ ନିଖୋଜ ଥିବା ଜଣାଯାଇଛି । ତଟରକ୍ଷୀ ବାହିନୀ ପକ୍ଷରୁ ଉପକୂଳ ଅଞ୍ଚଳରେ ଉଦ୍ଧାର ଏବଂ ତଲାସୀ ଅଭିଯାନ ଜାରି ରହିଛି । ଗୋଟିଏ ବାଣିଜ୍ୟ ତରୀ ଦ୍ୱାରା ପ୍ରାଥମିକ ପର୍ଯ୍ୟାୟରେ ୧୨ ଜଣଙ୍କୁ ଉଦ୍ଧାର କରାଯାଇଥିଲା । ଗତ ସପ୍ତାହରେ ତୁର୍କୀରୁ ଦୁଇଟି ଜାହାଜ ତୁର୍କୀ, ଇରାକ୍, ସିରିଆ, ଇରାନ୍ ଏବଂ ଆଫ୍‌ଗାନିସ୍ତାନର ପ୍ରବାସୀମାନଙ୍କୁ ନେଇ ଯାତ୍ରା ଆରମ୍ଭ କରିଥିଲା । ଜର୍ମାନର ଏକ ଉଦ୍ଧାରକାରୀ ଜାହାଜ ଘଟଣାସ୍ଥଳକୁ ଯାଇ ୧୦ ଜଣ ପ୍ରବାସୀଙ୍କୁ ମୃତ ଏବଂ ଅନ୍ୟ ୧୫ ଜଣଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରିଛି ।

# ଟ୍ରେନ୍ ଦୁର୍ଘଟଣା

ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲା ରଙ୍ଗପାନି ଷ୍ଟେସନ୍ ନିକଟରେ ଗତକାଲି ହୋଇଥିବା ଟ୍ରେନ୍ ଦୁର୍ଘଟଣା ଯୋଗୁଁ ବାଧାପ୍ରାପ୍ତ ହୋଇଥିବା ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଛି । ଉତ୍ତର-ପୂର୍ବ ଫ୍ରଣ୍ଟିୟର୍ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ଯେ ଅବଧ-ଆସାମ ଏକ୍ସପ୍ରେସ୍ ଟ୍ରେନ୍ ଆଜି ସକାଳ ୧୦ଟା ୪୨ ମିନିଟ୍‌ରେ ଯାତ୍ରା ଆରମ୍ଭ କରିଥିଲା । ସେହିପରି ଅନ୍ୟାନ୍ୟ ଟ୍ରେନ୍ ଚଳାଚଳ ମଧ୍ୟ ସ୍ୱାଭାବିକ ରହିଥିଲା । ସୂଚନା ଯୋଗ୍ୟ ଗତକାଲି ସକାଳେ ଘଟିଥିବା ଏହି ଟ୍ରେନ୍ ଦୁର୍ଘଟଣାରେ ୯ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା ।

# ଦିଲ୍ଲୀ ଶକ୍ତି ଚାହିଦା

ଦିଲ୍ଲୀରେ ସର୍ବାଧିକ ଶକ୍ତି ଚାହିଦା ୮ ହଜାର ୬୪୭ ମେଗାୱାଟ୍‌ରେ ପହଞ୍ଚିଛି । ଏହା ହେଉଛି ରାଜଧାନୀର ଇତିହାସରେ ସର୍ବାଧିକ ବୋଲି ଜଣାପଡ଼ିଛି । **DISCOM** ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ମାସ ୨୨ ତାରିଖରେ ଦିଲ୍ଲୀରେ ସର୍ବାଧିକ ଶକ୍ତି ଚାହିଦା ୮ ହଜାର ମେଗାୱାଟ୍‌ରେ ପହଞ୍ଚିଥିଲା । ଦିଲ୍ଲୀର ବି.ଏସ୍.ଇ.ଏସ୍. ରାଜଧାନୀ ପାୱାର୍ ଲିମିଟେଡ୍ ଏବଂ ବି.ଏସ୍.ଇ.ଏସ୍. ଯମୁନା ପାୱାର୍

ଲିମିଟେଡ୍ ଦିଲ୍ଲୀବାସୀଙ୍କର ଏହି ଶକ୍ତି ଚାହିଦାକୁ ପୂରଣ କରିବାରେ ସମର୍ଥ ହୋଇପାରିଛନ୍ତି ।

## ଜାପାନ୍ - ବର୍ଷା

ଜାପାନର କେନ୍ଦ୍ରୀୟ ପୂର୍ବାଞ୍ଚଳ ଏବଂ ଓକିନାୱା-ଅମାମି ଅଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଜାପାନ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରବଳ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ଜାପାନ ରେଳବାଇ ପକ୍ଷରୁ ଟୋକାଇଡୋ ଶିଙ୍କାନ୍‌ସେନ୍ ଦେଇ ଯାତାୟତ କରୁଥିବା ଟ୍ରେନ୍ ଗୁଡ଼ିକୁ ବାତିଲ କରାଯାଇଛି । ବର୍ଷା କାରଣରୁ ଓକିନାୱା ଏବଂ ସିଜୁଓକାର କେତେକ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ମଧ୍ୟ ରହିଛି । ସେହିପରି ଅନ୍ୟ କେତେକ ତଳିଆ ଅଞ୍ଚଳରେ ବନ୍ୟା, ଭୂସ୍ଖଳନ ଏବଂ କୁଆପଥର ମାଡ଼ ସହ ଘୂର୍ଣ୍ଣିଝଡ଼ ହେବାର ସମ୍ଭାବନା ରହିଛି ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଉତ୍ତର-ପଶ୍ଚିମ ଏବଂ ପୂର୍ବ ଭାରତରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ପୂର୍ବାନୁମାନ

କରାଯାଇଛି । ଆକାଶବାଣୀକୁ ସୂଚନା ଦେଇ ଆଇ.ଏମ୍.ଡି.ର ବୈଜ୍ଞାନିକ ସୋମା ସେନ ରଏ କହିଛନ୍ତି, ଅନ୍ୟ ପକ୍ଷରେ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ପଶ୍ଚିମା ଆର୍ଦ୍ର ବାୟୁ ପ୍ରବାହିତ ହେବା କାରଣରୁ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତାକାଲି ଠାରୁ ଦିଲ୍ଲୀରେ ପ୍ରାକ୍ ମୌସୁମୀ ବର୍ଷା ହେବା ନେଇ ସୂଚନା ଜାରି କରାଯାଇଛି ।

ଅନ୍ୟ ପକ୍ଷରେ ହିମାଳୟ ପାର୍ବତ୍ୟାଞ୍ଚଳ, ପଶ୍ଚିମବଙ୍ଗ ଏବଂ ଉତ୍ତର ପୂର୍ବ ଭାରତର କେତେକ ଅଞ୍ଚଳରେ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି । ସେହିପରି ଆସନ୍ତା ୫ ଦିନ ମଧ୍ୟରେ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ପବନ ଏବଂ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛି ।